# ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି 'ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ'ଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିସ ରିପୋର୍ଟ ।

**(ଖୋର୍ଦ୍ଧା ଜିଲ୍ଲାର ଜଟଣୀ ତହସିଲ ଅନ୍ତର୍ଗତ ହରେକୃଷ୍ଣପୁର ଗ୍ରାମରେ  ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଜମି ଅଧିଗ୍ରହଣ ସମ୍ପର୍କେ )**

ବୈଧାନୀକ ବ୍ୟବସ୍ଥା

ହରେକୃଷ୍ଣପୁର ଗ୍ରାମରେ ଇନଫୋସିଟି-୨ ପ୍ରକଳ୍ପ ଅଧିନରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଖୋର୍ଦ୍ଧା ଜିଲ୍ଲାର ଜଟଣୀ ତହସିଲ ଅନ୍ତର୍ଗତ ମୌଜା- ହରେକୃଷ୍ଣପୁର ରୁ ଏ. ୪.୩୭୫ ଡିସିମିଲ ପରିମିତ ବେସରକାରୀ ଜମି ଅଧିଗ୍ରହଣ ନିମନ୍ତେ ଚିଫ ଜେନେରାଲ ମ୍ୟାନେଜର(ଲ୍ୟାଣ୍ଡ), ଇଡକୋ, ଭୁବନେଶ୍ୱର ଙ୍କ ଠାରୁ  ପ୍ରସ୍ତାବ ପ୍ରାପ୍ତ ହେବା ପରେ ତତ ସମ୍ପର୍କେ "ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩" ର ଧାରା ୪ ଅନୁଯାୟୀ ଆବଶ୍ୟକ ହେଉଥିବା ସାମାଜିକ-ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ କରିବା ପାଇଁ ନିମ୍ନ ମତେ ଅଧିସୂଚନା ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶିତ  ହୋଇଅଛି ।

**ଅଧିସୂଚନା**

| କ୍ରମିକ ନଂ | ତହସିଲ | ଗ୍ରାମ | ପ୍ରସ୍ତାବିତ ଅଧିଗ୍ରହଣ ବ୍ୟକ୍ତିଗତ ଜମି | ଅଧିସୂଚନା ସଂଖ୍ୟା ଓ ତାରିଖ |
|---|---|---|---|---|
| ୧ | ଜଟଣୀ | ହରେକୃଷ୍ଣପୁର | ଏ ୪.୩୭୫ ଡି. ମି | ୪୫୦୨୯/ ରାବିପ ତା ୧୪.୧୨.୨୦୧୮ ରିଖ |

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ

ଉକ୍ତ ଅଧିସୂଚନା ମତେ "ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ" ର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ (ଏନ.ସି.ଡି.ଏସ) ଭୁବନେଶ୍ୱରକୁ ହସ୍ତାନ୍ତର କରାଯାଇଥିଲା । ପରେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା' କେନ୍ଦ୍ର 'ଆମିଟି ହ୍ୟୁମାନିଟି ଫାଉଣ୍ଡେସନ, ଭୁବନେଶ୍ୱର' ନାମକ ସ୍ୱାଧୀନ ଗବେଷଣା ସଂସ୍ଥାକୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ପ୍ରଦାନ କରିଥିଲେ ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେ କରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସମ୍ପୂର୍ଣ୍ଣ ବିବରଣୀ, ଜୀବିକା, ଆୟର ପନ୍ଥା, ପରିବାରର ମୋଟ ବ୍ୟୟ, ପ୍ରଭାବିତ ହେବାକୁ ଥିବା କୋଠାବାଡି, ବ୍ୟବସାୟିକ ବା ଆତ୍ମ ନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚିରେ ଏକ ପୂର୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଛନ୍ତି ।

ଉକ୍ତ ବିବରଣୀ ଆଧାରରେ ଆବଶ୍ୟକ ଅନୁଯାୟୀ ଏକ "ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ମଧ୍ୟ ପ୍ରସ୍ତୁତ କରିଛନ୍ତି ।

**ଜନଶୁଣାଣି (ଧାରା-୫)**

"ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩" ଧାରା ୫ ଅନୁସାରେ ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ନିମିତ୍ତ ସ୍ଥାନ, ତାରିଖ ଓ ସମୟ ସଂକ୍ରାନ୍ତରେ ସର୍ବସାଧାରଣଙ୍କୁ ଯଥେଷ୍ଟ ପୂର୍ବରୁ ଜଣାଇଦିଆଯାଇଥିଲା ।

ଆୟୋଜିତ ଜନଶୁଣାଣି କାର୍ଯ୍ୟ ଛତାବର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସମାପନ ହୋଇଥିଲା । ଉକ୍ତ ଜନଶୁଣାଣି ର ବିଷଦ ବିବରଣୀ ଚୂଡାନ୍ତ ସର୍ବେକ୍ଷଣ ବିବରଣୀରେ ବର୍ଣିତ ହୋଇଅଛି ।

ଜନଶୁଣାଣି ସମୟରେ କ୍ଷତିଗ୍ରସ୍ତ ପରିବାର ତଥା ଗ୍ରାମବାସୀ ମାନେ ବହୁ ସଂଖ୍ୟାରେ ଯୋଗ ଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ମତବ୍ୟକ୍ତ କରିଥିଲେ ।

ଏଥିରେ ଡକ୍ଟର ଚକ୍ରଧର ଶତପଥୀ, ନିର୍ଦ୍ଦେଶକ, ଆମିଟି ହ୍ୟୁମାନିଟି ଫାଉଣ୍ଡେସନ, ଭୁବନେଶ୍ୱର ମହାଶୟ ପୌରହିତ କରିଥିଲେ ଏବଂ ନିମ୍ନ ଲିଖିତ ସଦସ୍ୟ ଓ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

୧. ଶ୍ରୀମତୀ ରଶ୍ମିତା ରାଣୀ ତରାସିଆ, ଓ.ପ୍ର.ସେ, (ବରିଷ୍ଠ), ଭୂ- ଅର୍ଜନ ଅଧିକାରୀ, ଖୋର୍ଦ୍ଧା
୨. ଶ୍ରୀମତୀ ପ୍ରଜ୍ଞାଧାରା ମିଶ୍ର, ଭୂ- ଅଧିକାରୀ, ଇଡ଼କୋ, ଭୁବନେଶ୍ୱର
୩. ଶ୍ରୀଯୁକ୍ତ ପ୍ରକାଶ କୁମାର ସାହୁ, ଦଳପତି, ଆମିଟି ହ୍ୟୁମାନିଟି ଫାଉଣ୍ଡେସନ, ଭୁବନେଶ୍ୱର
୪. ଶ୍ରୀଯୁକ୍ତ ନିର୍ମଳ କୁମାର ରଥ, ବୈଜ୍ଞାନିକ, ଆମିଟି ହ୍ୟୁମାନିଟି ଫାଉଣ୍ଡେସନ, ଭୁବନେଶ୍ୱର
୫ ଶ୍ରୀଯୁକ୍ତ ପ୍ରତାପ ପ୍ରଧାନ, ଜି. ଆର.ଏସ, ଛତାବର ଗ୍ରାମ ପଞ୍ଚାୟତ

ଏତଦବ୍ୟତୀତ, ସାମାଜିକ ପ୍ରଭାବ ଆକଳନ ସଂସ୍ଥାର ଅଧିକାରୀ ବୃନ୍ଦ, ଜମି ହରାଉଥିବା ପରିବାର, ହରେକୃଷ୍ଣପୁର ଗ୍ରାମର ଅନ୍ୟ ଅଧିବାସୀ ମାନେ ଶୁଣାଣି ରେ ଅଂଶଗ୍ରହଣ କରିଥିଲେ ।

ଏହି ଜନଶୁଣାଣିର ପ୍ରାରମ୍ଭରେ ଶ୍ରୀଯୁକ୍ତ ପ୍ରକାଶ କୁମାର ସାହୁ, ଦଳପତି, ଆମିଟି ହ୍ୟୁମାନିଟି ଫାଉଣ୍ଡେସନ, ଭୁବନେଶ୍ୱର ନିଜର ପରିଚୟ ପ୍ରଦାନ ସହ ଉପସ୍ଥିତ ସମସ୍ତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏହାପରେ ଡକ୍ଟର ଚକ୍ରଧର ଶତପଥୀ, ନିର୍ଦ୍ଦେଶକ, ଆମିଟି ହ୍ୟୁମାନିଟି ଫାଉଣ୍ଡେସନ, ଭୁବନେଶ୍ୱର ଉକ୍ତ ଜନଶୁଣାଣିର ଉଦ୍ଦେଶ୍ୟ ତଥା ଏହି ବିବରଣୀର ପ୍ରସ୍ତୁତି ପ୍ରକ୍ରିୟା ସମ୍ବନ୍ଧରେ ବର୍ଣନା କରିଥିଲେ । ଏହାପରେ ଶ୍ରୀମତୀ ରଶ୍ମିତା ରାଣୀ ତରାସିଆ, ଭୂ- ଅର୍ଜନ ଅଧିକାରୀ, ଖୋର୍ଦ୍ଧା ଙ୍କୁ ଭୂ-ଅର୍ଜନର ଉଦ୍ଦେଶ୍ୟ ସମ୍ବନ୍ଧରେ କହିବାକୁ ଅନୁରୋଧ କରିଥିଲେ । ଭୂ- ଅର୍ଜନ ଅଧିକାରୀ ଉକ୍ତ ପ୍ରକଳ୍ପ ନିମିତ୍ତ ଜମି ଅଧିଗ୍ରହଣ ର ଆବଶ୍ୟକତା ତଥା ପ୍ରକଳ୍ପ ର ଉପଯୋଗୀତା ସମ୍ବନ୍ଧରେ ବିସ୍ତୃତ ତଥ୍ୟ ସଭାରେ ଉପସ୍ଥାପିତ

କରିଥିଲେ । ପରେ ଶ୍ରୀମତୀ ପ୍ରଜ୍ଞାଧାରା ମିଶ୍ର, ଭୂ- ଅଧିକାରୀ, ଇଡ଼କୋ, ଭୁବନେଶ୍ୱର ମଧ ଜମି ଅଧିଗ୍ରହଣ ର ଆବଶ୍ୟକତା ସମ୍ବନ୍ଧରେ ଉପସ୍ଥିତ ଜନସାଧାରଣ ଙ୍କୁ ସୂଚନା ପ୍ରଦାନ କରିଥିଲେ ।

ଏହାପରେ ସାମାଜିକ ପ୍ରଭାବ ଆକଳନକାରୀ ସଂସ୍ଥା ଆମିଟି ହ୍ୟୁମାନିଟି ଫାଉଣ୍ଡେସନ, ଭୁବନେଶ୍ୱର ର ସଦସ୍ୟ ଶ୍ରୀ ପ୍ରକାଶ ସାହୁ, ସାମାଜିକ ଆକଳନ ଚିଠା ବିବରଣୀ ଉପରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ସଭାରେ ଉପସ୍ଥିତ ସମସ୍ତ ଅଧିକାରୀବୃନ୍ଦ ଏବଂ ଜମି ହରାଉଥିବା ଜମିମାଲିକଙ୍କୁ ଚିଠା ବିବରଣୀ ସାରାଂଶର ଏକ ନକଲ ବଣ୍ଟା ଯାଇଥିଲା । ପ୍ରକଳ୍ପ ନିର୍ମାଣ ହେଉଥିବା ଅଞ୍ଚଳରେ ଜନସାଧାରଣ, ଲୋକପ୍ରତିନିଧି, ସାମାଜିକ କର୍ମକର୍ତ୍ତା ତଥା ବରିଷ୍ଠ ନାଗରିକଙ୍କ ସହ ସାକ୍ଷାତକାର ଓ ସମୂହ ଆଲୋଚନାଚକ୍ର ପରେ ସେମାନଙ୍କ ମତାମତ ଓ ପର୍ଯ୍ୟବେକ୍ଷଣ କୁ ନେଇ ଚିଠାଟି ସ୍ୱଷ୍ଟଭାବେ ପ୍ରସ୍ତୁତ କରାଯାଇଅଛି ।

ଜନଶୁଣାଣି ରେ ଉପସ୍ଥିତ ଥିବା ଜମି ମାଲିକ ମାନେ ବର୍ତ୍ତମାନ ର ଅଧିସୂଚନା ଏବଂ ବଜାରଦର ଠାରୁ ଅଧିକ ଦରରେ କ୍ଷତିପୂରଣ ନିର୍ଦ୍ଧାରଣ ପାଇଁ ଅନୁରୋଧ କରିବା ସହ ଅନ୍ୟ କିଛି ପ୍ରସଙ୍ଗ ଯଥା କ୍ଷତିପୂରଣ ନିର୍ଦ୍ଧାରଣ ପ୍ରକ୍ରିୟା, ଜମି ବଦଳରେ ଜମି ପ୍ରଦାନ କରିବା ଏବଂ ତହସିଲ ଅଫିସ ରେ ପଡିରହିଥିବା ମିଉଟେଶନ ଦରଖାସ୍ତ ଗୁଡିକର ଶୀଘ୍ର ଫୈସଲା ଆଦି ବିଚାର କରିବାକୁ କହିଥିଲେ । ଶ୍ରୀମତୀ ତରାସିଆ, ଭୂ- ଅର୍ଜନ ଅଧିକାରୀ,ଉପରୋକ୍ତ ବିଷୟରେ ଥିବା ବୈଧାନିକ ବ୍ୟବସ୍ଥା ସମ୍ପର୍କରେ ଉପସ୍ଥିତ ଜମି ହରାଉଥିବା ପ୍ରଜା ମାନଙ୍କୁ ଅବଗତ କରାଇଥିଲେ। ପରିଶେଷରେ, ନିର୍ଦ୍ଦେଶକ, ଆମିଟି ହ୍ୟୁମାନିଟି ଫାଉଣ୍ଡେସନ, ଭୁବନେଶ୍ୱର ପ୍ରସ୍ତୁତ ଚିଠା ଉପରେ ଟିପ୍ପଣୀ ଦେବା ସହ ଜମି ଅଧିଗ୍ରହଣରେ ହେଉଥିବା ବିଭିନ୍ନ ଦିଗ ଉପରେ ଆଲୋଚନା କରିସାରିବା ପରେ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ ।

**ପ୍ରକାଶନ (ଧାରା-୬)**

ପ୍ରଭାବିତ ଗ୍ରାମରେ ଜନଶୁଣାଣି ପରେ ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ "ସାମାଜିକ ପ୍ରଭାବ ପରିଚାଳନା ଯୋଜନା" ବିବରଣୀକୁ ଆଇନ ଧାରା ୬ ମତେ ବିଧିବଦ୍ଧ ଭାବେ ପ୍ରକାଶନ କରାଯାଇଥିଲା ।

**ଆଇନର ଧାରା ୭ ଉପଧାରା ୧ ଅନୁସାରେ "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୁଡାନ୍ତ ସାମାଜିକ ପ୍ରଭାବ ଆକଳନ ।**

<u>ଅଧ୍ୟୟନର ମୂଲ୍ୟାୟନ ଓ ସୁପାରିସ</u>

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୭ ଉପଧାରା ୧ ଅନୁସାରେ ଗଠିତ ହୋଇଥିବା "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ" ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶନ ହୋଇଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୁଡାନ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଏହାର ମୂଲ୍ୟାୟନ କରାଯାଇ ସରକାରଙ୍କ ନିକଟକୁ ଜଣାଇବାର ବ୍ୟବସ୍ଥା ରହିଅଛି ।

ତେଣୁ ଉକ୍ତ ଆଇନର ଧାରା ୭ ଉପଧାରା ୨ ମତେ ନିମ୍ନ ଦର୍ଶିତ ବ୍ୟକ୍ତି ବିଶେଷଙ୍କୁ ନେଇ 'ବିଶେଷଜ୍ଞ ଦଳ' ଗଠନ କରାଯାଇଅଛି ।

ସ୍ୱତନ୍ତ୍ର-ବହୁଦର୍ଶୀ ବିଶେଷ୍ୟଜ୍ଞ ଦଳ

୧. ଜିଲ୍ଲାପାଳ, ଖୋର୍ଦ୍ଧା
୨. ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା
୩. ଶ୍ରୀଯୁକ୍ତ ବ୍ରଜ କିଶୋର ପଟ୍ଟନାୟକ, ଓ.ଏ.ଏସ (ଅବସରପ୍ରାପ୍ତ)
୪. ଶ୍ରୀମତୀ ରଶ୍ମିତା ରାଣୀ ତରାସିଆ, ଓ.ପ୍ର.ସେ, (ବରିଷ୍ଠ), ଭୂ- ଅର୍ଜନ ଅଧିକାରୀ, ଖୋର୍ଦ୍ଧା
୫. ଉପ-ଜିଲ୍ଲାପାଳ, ଭୁବନେଶ୍ୱର
୬ ଶ୍ରୀମତୀ ପ୍ରଜ୍ଞାଧାରା ମିଶ୍ର, ଭୂ- ଅଧିକାରୀ, ଇଡ଼କୋ, ଭୁବନେଶ୍ୱର
୭. ଶ୍ରୀଯୁକ୍ତ ପ୍ରକାଶ କୁମାର ସାହୁ, ଏସ.ଆଇ.ଏ ଟିମ ଲିଡର
୮. ପ୍ରକଳ୍ପ ବିଶେଷଜ୍ଞ
୯. ମନସ୍ୱିନୀ ମିଶ୍ର ଡେଙ୍ଗ, ସରପଞ୍ଚ, ଛତାବର ଗ୍ରା.ପ

ଉପରୋକ୍ତ ବ୍ୟକ୍ତି ବିଶେଷ ମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ବ୍ରଜ କିଶୋର ପଟ୍ଟନାୟକ, ଓ.ଏ.ଏସ (ଅବସରପ୍ରାପ୍ତ) ଙ୍କୁ ଅଧ୍ୟକ୍ଷ ରୂପେ ମନୋନୟନ କରାଗଲା ।

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ ।

ଆଇନର ଧାରା ୭ ଉପଧାରା ୧ ଅନୁସାରେ ପ୍ରକାଶନ ହୋଇଥିବା ଚୁଡାନ୍ତ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା "ସ୍ୱତନ୍ତ୍ର-ବହୁଦର୍ଶୀ ବିଶେଷଜ୍ଞ ଦଳ" ଙ୍କ ଏକ ବୈଠକ ଆହ୍ୱାନ କରାଯାଇଥିଲା । ଉକ୍ତ ବୈଠକକୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ସୂଚି ମତେ ତା. ୦୪.୦୬.୨୦୧୯ରିଖ ପୂର୍ବାହ୍ନ ଘ. ୧୧.୦୦ ଣ୍ଟା ସମୟରେ ସଦଭାବନା ସଭାଗୃହ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା ରେ ଅନୁଷ୍ଠିତ କରାଯାଇଥିଲା ।

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟ ମୂଲ୍ୟାୟନ

ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧ୍ୟାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ ।ଏହି ପ୍ରକଳ୍ପ ନିମିତ୍ତ ଜମି ଅଧିଗ୍ରହିତ ହେବାର ଆବଶ୍ୟକତା କୁ ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ ।

ଏହା ପରେ ଜନଶୁଣାଣିରେ ଉତ୍ଥାପିତ କେତେକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ନିମନ୍ତେ ନିମ୍ନ ମତେ ଆଲୋଚନା କରାଯାଇଥିଲା ।

କ୍ଷତିଗ୍ରସ୍ତ ପରିବାର ମାନେ ହରାଉଥିବା ଜମିର ସଠିକ କ୍ଷତିପୂରଣ ପାଇବା ନିମନ୍ତେ ଆବଶ୍ୟକ ସତ୍ୱଲିପି ପ୍ରସ୍ତୁତ କରିବା ପାଇଁ ତହସିଲରେ ବକେୟା ଥିବା ମୋକଦ୍ଦମା ମାନ ତୁରନ୍ତ ଫଏସଲା କରିବାପାଇଁ ତହସିଲଦାର, ଜଟଣୀ ଙ୍କୁ ଉପ-ଜିଲ୍ଲାପାଳ, ଭୁବନେଶ୍ୱର ମହାଶୟ ନିର୍ଦ୍ଦେଶ ଦେବାପାଇଁ ପ୍ରସ୍ତାବ ରଖାଗଲା ।

ଉକ୍ତ ଜମିର ସଠିକ ବଜାର ଦର ନିର୍ଦ୍ଧାରଣ ନିମନ୍ତେ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଆଇନ ଆଧାରରେ ନିକଟତମ ମୌଜା ଗୁଡିକରେ ହୋଇଥିବା ସମସ୍ତ ବିକ୍ରି ଦଲିଲ ଗୁଡିକୁ ତର୍ଜମାକରି ସ୍ଥିର କରିବା ସହ କ୍ଷତିଗ୍ରସ୍ତ ଜମି ମାଲିକ ମାନେ ଯେପରି ସହଜ ଓ ସରଳ ଉପାୟରେ ସେମାନଙ୍କର କ୍ଷତିପୂରଣ ପାଇପାରିବେ ସେଥିପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ରଖାଗଲା ।

କ୍ଷତିଗ୍ରସ୍ତ ହେଉଥିବା ବୃକ୍ଷ ନିମିତ ଉଚିତ କ୍ଷତିପୂରଣ ପ୍ରଦାନ ସହ ଏଥିଯୋଗୁ ପରିବେଶ ଉପରେ ପଡିବାକୁ ଥିବା ପ୍ରଭାବ କୁ ହ୍ରାସ କରିବା ପାଇଁ ଯଥେଷ୍ଟ ପରିମାଣରେ ବୃକ୍ଷ ରୋପଣ କାର୍ଯ୍ୟ କରିବାକୁ ପ୍ରସ୍ତାବ ରଖାଗଲା ।

ଏହି ଅଞ୍ଚଳରେ ହେଉଥିବା ଜମି ଅଧିଗ୍ରହଣ ଯୋଗୁ ଅଞ୍ଚଳରେ ଜମି ପରିମାଣ ସଙ୍କୋଚିତ ହେବା ଫଳରେ ଏହାର ନକରାତ୍ମକ ପ୍ରଭାବ ଜନସାଧାରଣ ଓ ଜୀବଜନ୍ତୁ ଙ୍କ ଉପରେ ପଡିବ । ଏହାକୁ ଭରଣା କରିବାକୁ ପ୍ରତିଷ୍ଠିତ ହେବାକୁ ଥିବା ଶିଳ୍ପ ଗୁଡିକ ସେମାନଙ୍କ କମ୍ପାନୀର ସାମାଜିକ ଦାୟିତ୍ୱ କାର୍ଯ୍ୟ ଅଧୀନରେ ଏହି ଅଞ୍ଚଳର ପାରିପାର୍ଶ୍ୱିକ ବିକାଶ ଯଥା କ୍ରିଡା ସଂସ୍କୃତି, ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ତଥା ପରିବେଶ ସୁରକ୍ଷା ଆଦି କାର୍ଯ୍ୟ କରିବାକୁ ଇଡକୋ ଅଧିକାରୀ ନିର୍ଦ୍ଦେଶ ଦେବାକୁ ପ୍ରସ୍ତାବ ରଖାଗଲା ।

ଏହି ପ୍ରକଳ୍ପ ରେ ଯଦି କୌଣସି ନିଯୁକ୍ତି ସୁଯୋଗ ରହିଛି, ତେବେ ସେଠାରେ ଯୋଗ୍ୟତା ଆଧାରରେ ସ୍ଥାନୀୟ ଯୁବକ / ଯୁବତୀ ମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କ୍ଷେତ୍ରରେ ଅଗ୍ରାଧିକାର ଦେବା ପାଇଁ ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଉଛି ।

ପରିଶେଷରେ ବିଶେଷଜ୍ଞ ଦଳ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ପ୍ରାଞ୍ଜଳ ଭାବେ ଅନୁଧ୍ୟାନ କରି ଏହା ଏକ ଉତ୍କୃଷ୍ଟ ଏବଂ ଉପଯୁକ୍ତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ ହୋଇଥିବା ହୃଦବୋଧ କରି ଉଚ୍ଚ ପ୍ରଶଂସା କରିଥିଲେ । ବିଶେଷଜ୍ଞ ଦଳ ଏହି ଜମି ଅଧିଗ୍ରହଣରେ ସାମୁହିକ ସ୍ୱାର୍ଥ ଜଡିତ ରହିଛି ବୋଲି ହୃଦବୋଧ କଲେ, କାରଣ ଏହି ପ୍ରକଳ୍ପ ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ବିକାଶ ସହିତ ସେମାନଙ୍କର ଜୀବନଧାରଣର ମାନରେ ଉନ୍ନତି ଆସିବ ।

ଶେଷରେ ନୂତନ ଆଇନର ପ୍ରଦତ୍ତ ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କରିବାପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟକୁ ସୁପାରିଶ କରି ଯଥା ଯୋଗ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନିଆଗଲା ।

ସଭା ଶେଷରେ ଆବାହକ ସଦସ୍ୟ ତଥା ଭୂ-ଅର୍ଜନ ଅଧିକାରୀ ଉପସ୍ଥିତ ସମସ୍ତ ସଭ୍ୟ ତଥା ଅଧକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଅଧକ୍ଷ
"ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ"
ଖୋର୍ଦ୍ଧା